# କେନ୍ଦ୍ର ସାହିତ୍ୟ ଏକାଡେ଼ମୀର ଗ୍ରାମାଲୋକ କାର୍ଯ୍ୟକ୍ରମ




କୁଜଙ୍ଗ,୨୭।୭(ସମିସ): କଟକୁଠାସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଭାଗୃହରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓ କୁଜଙ୍ଗର ଅଗ୍ରଣୀ ସାହିତ୍ୟ ସଂସ୍କୃତି ଶିକ୍ଷା ଅନୁଷ୍ଠାନ ମେଘମହ୍ଲାର ମିଳିତ ଆନୁକୂଲ୍ୟରେ 'ଗ୍ରାମାଲୋକ' କାର୍ଯ୍ୟକ୍ରମ ମେଘମହ୍ଲାର ସଭାପତି କେଶବଚନ୍ଦ୍ର ଦଳାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୭ ଜଣ ସାହିତ୍ୟିକ ଏକାଡେମୀ ଦ୍ୱାରା ନିମନ୍ତ୍ରିତ ହୋଇ ସ୍ୱଲିଖିତ ଗଳ୍ପ, କବିତା ପାଠ କରିଥିଲେ। ସନ୍ତୋଷ ସାମଲ 'ଛୋଟା ସାରଙ୍କ ଚାହାଣୀ', ଦୀପ୍ତି ଖଣ୍ଡୁଆଳ 'ଏଡଭାଞ୍ଚାର', ରଘୁନାଥ ସାହୁ 'ଆଇନା', ପୀତାମ୍ବର ତରାଇ 'ରାମଚନ୍ଦ୍ର ମହାନ୍ତିଙ୍କ ରଚନା ସମଗ୍ର ଆଲୋଚନା', ପ୍ରଭାତୀ ମାଝି 'ଅଜବା ସାନ୍ୟାଲ' କବିତା ଓ କେଶବ ଚନ୍ଦ୍ର ଦଳାଇ 'ଓଡ଼ିଆ କାବ୍ୟ କବିତାରେ ମାନବବାଦ' ପ୍ରବନ୍ଧ ପାଠ କରିଥିଲେ। ପ୍ରାରମ୍ଭରେ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ମାତୃ ବନ୍ଦନା ଗାନ କରିଥିଲେ। ବିଭୂତି ଭୂଷଣ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଜୟ କୁମାର ଖଟେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଲେଖକ, କବି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବି ପ୍ରକାଶ ଦାସଙ୍କ ଅଧ୍ୟକ୍ଷତା ଓ ପ୍ରଭାତୀ ମାଝୀଙ୍କ ସଂଯୋଜନାରେ ମୃତ୍ୟୁଞ୍ଜୟ ଜୟସିଂହ, ରମେଶ ବେହେରା, ଜୟନ୍ତୀ କୁମାରୀ ଦାସ, ଅଞ୍ଜନା ନାୟକ, ଗୌରହରି ବାରିକ, ଆଶିଷ ପରିଡ଼ା, ନାରାୟଣ ନାୟକ, ଜଇରାମ ସାହାଣୀ, ମାନଗୋବିନ୍ଦ ପ୍ରଧାନ, କନକଲତା ବାରିକ, ରବୀନ୍ଦ୍ର ନାଥ ଚୌଧୁରୀ, ସରୋଜିନୀ ମିଶ୍ର, ମମତା ସାହୁ, ଶୁଭେନ୍ଦୁ ଚୌଧୁରୀ, ଗୀତା ଦାସ, ରବୀନ୍ଦ୍ର ଦାସ ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ସସ୍ମିତା ନାୟକ ସୁଗମ ସଙ୍ଗୀତ ଗାନ କରିଥିଲେ।